# NATIONAL NEWS BULLETIN (ODIA)

## 28 November - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜନସାଧାରଣଙ୍କ ଏକତା ମାଧ୍ୟମରେ ବିକଶିତ ଭାରତ ଲାଗି ପଥ ଉନ୍ମୁକ୍ତ ହୋଇଥାଏ, କହିଲେ ପ୍ରଧାନମନ୍ତ୍ରୀ ।
- ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ଦେଶର ଜି.ଡି.ପି.ରେ ୮ ଦଶମିକ୍ ୨ ପ୍ରତିଶତ ଅଭିବୃଦ୍ଧି ।
- ଜଳଜୀବନ ମିଶନ୍ ଅଧୀନରେ ଦେଶ ବ୍ୟାପି ୧୫ କୋଟି ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ କରାଯାଇଛି ଜଳ ସଂଯୋଗ ।
- ଗୋଆରେ ଆୟୋଜିତ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଆଜି ହେଉଛି ଉଦ୍ଯାପନ ।

ଏବଂ

- ସଏଦ୍ ମୋଦୀ ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କଲେ ଭାରତର ପ୍ରମୁଖ ଖେଳାଳି ।

# ପିଏମ୍-ଗୋଆ

ଜନସାଧାରଣଙ୍କ ଏକତା ମାଧ୍ୟମରେ ବିକଶିତ ଭାରତ ଲାଗି ପଥ ଉନ୍ମୁକ୍ତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ଗୋଆର କାଣାକୋଣାସ୍ଥିତ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ପର୍ତ୍ତଗଳି ଜୀବୋତ୍ତମ ମଠର ପଞ୍ଚଷଷ୍ଠମନୋତ୍ସବରେ ଯୋଗଦେଇ ସେ ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତୀକୂଳ ପରିସ୍ଥିତି ସତ୍ତ୍ୱେ ଗୋଆ ନିଜର ପ୍ରକୃତ ସଂସ୍କୃତିକୁ ସଂରକ୍ଷଣ ରଖିପାରି ପାରିବା ସହିତ ସମୟାନୁକ୍ରମେ ଏହାର ପୁନରୁଦ୍ଧାର ମଧ୍ୟ କରିବାରେ ସକ୍ଷମ ହୋଇଛି । ସମାଜ ପ୍ରତି ଏହି ମଠର ଅବଦାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଏହାର ପ୍ରଶଂସା କରିବା ସହିତ ଦେଶର ଐତିହ୍ୟ ଏବଂ ନୈତିକ ମୂଲ୍ୟବୋଧକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଆଗାମୀ ପିଢ଼ିକୁ ପ୍ରେରଣା ଦେବାରେ ଏହା ସହାୟକ ହେବ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପର୍ତ୍ତଗଳି ଜୀବୋତ୍ତମ ମଠ କେବଳ ଜନସାଧାରଣଙ୍କ ବିଶ୍ୱାସକୁ ସୁରକ୍ଷିତ ରଖିନାହିଁ ବରଂ ମାନବୀୟ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ମଧ୍ୟ ଉଜ୍ଜୀବିତ ରଖିଛି ।

**V/O- 1-PM-MODI-ON-CULTURAL-HERITAGE**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପର୍ତ୍ତଗଲିଠାରେ ପ୍ରଭୁ ଶ୍ରୀରାମଙ୍କର ୭୭ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ କାଂସ୍ୟ ପ୍ରତୀମୂର୍ତ୍ତିର ଅନାବରଣ କରିଛନ୍ତି । ଏଥିସହିତ ଶ୍ରୀ ମୋଦୀ ରାମାୟଣ ବିଷୟବସ୍ତୁ ଆଧାରିତ ଏକ ନୂତନ ପାର୍କ ଏବଂ ୧୦ ହଜାର ବର୍ଗ ଫୁଟ୍ ପରିମିତ ଅଞ୍ଚଳରେ ପ୍ରଭୁ ରାମଙ୍କ ଜୀବନୀ ଉପରେ ଆଧାରିତ ଏକ ସଂଗ୍ରହାଳୟର ମଧ୍ଯ ଉଦ୍‌ଘାଟନ କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଏକ ସ୍ମାରକୀ ଡାକ ଟିକଟର ଉନ୍ମୋଚନ କରିଛନ୍ତି ।

## ଜିଡିପି

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ଦେଶର ମୋଟ୍ ଘରୋଇ ଉତ୍ପାଦ – ଜି.ଡି.ପି.ରେ ୮ ଦଶମିକ୍ ୨ ପ୍ରତିଶତ ଅଭିବୃଦ୍ଧି ହୋଇଛି । ଗତବର୍ଷ ଏହି ସମୟରେ ଜି.ଡି.ପି. ହାର ୫ ଦଶମିକ୍ ୬ ପ୍ରତିଶତ ଥିବା ଜଣାଯାଇଛି । ଏହି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଅବଧିରେ ଜି.ଡି.ପି. ୭ ଦଶମିକ୍ ୮ ପ୍ରତିଶତ ଥିଲା ।

ମିଳିଥିବା ସୂଚନା ଅନୁଯାୟୀ ଦେଶର ଜି.ଡି.ପି. ପ୍ରତି ବିନିର୍ମାଣ କ୍ଷେତ୍ରର ଅବଦାନ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ୯ ଦଶମିକ୍ ୧ ପ୍ରତିଶତ ବୃଦ୍ଧି ପାଇଛି । ପ୍ରଥମ ତ୍ରୈମାସିକ ଅବଧିରେ ଏହା ୨ ଦଶମିକ୍ ୨ ପ୍ରତିଶତ ଥିଲା ।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ୮ ଦଶମିକ୍ ୨ ପ୍ରତିଶତ ଜି.ଡି.ପି. ଅଭିବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଏହି ଅଭିବୃଦ୍ଧିକୁ ଉତ୍ସାହଜନକ ଭାବେ ଅଭିହିତ କରିବା ସହିତ ଏହାଦ୍ୱାରା ସରକାରଙ୍କ ଅଭିବୃଦ୍ଧି ସମ୍ପର୍କିତ ନୀତି ଓ ସଂସ୍କାର ପ୍ରତିଫଳିତ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଦେଶବାସୀଙ୍କର କଠିନ ପରିଶ୍ରମର ଏହା ପ୍ରତୀକ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ଏ ଦିଗରେ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରତ୍ୟେକ ନାଗରିକଙ୍କର ଜୀବନ ଧାରଣର ମାନକୁ ଅଧିକ ସଶକ୍ତ କରିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜଳ ଶକ୍ତି

ଜଳଜୀବନ ମିଶନ୍ ଅଧୀନରେ ଦେଶର ୧୫ କୋଟି ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ଜଳ ଯୋଗାଣ ସଂଯୋଗ କରାଯାଇପାରିଛି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ‘ସୁଜଳମ୍’ ଭାରତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଏହି ସୂଚନା ଦେଇଛନ୍ତି । ଦେଶର ପ୍ରତ୍ୟେକ ନାଗରିକଙ୍କୁ ନିରନ୍ତର ତଥା ବିଶୁଦ୍ଧ ଜଳ ଯୋଗାଇଦେବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଏହି ଅବସରରେ

କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଟିଲ୍ ଦୋହରାଇଛନ୍ତି । ସେ କହିଛନ୍ତି, ଜଳ ସଂରକ୍ଷଣ ଦିଗରେ କେନ୍ଦ୍ର ସରକାର ଏକ ସ୍ଥାୟୀ ତଥା ବୈଜ୍ଞାନିକ ସମ୍ମତି ପଦ୍ଧତି ଆପଣାଉଛନ୍ତି । ମନରେଗା ପାଣ୍ଠିର ୬୫ ପ୍ରତିଶତ ଅର୍ଥକୁ ଭୂତଳ ଜଳ ସ୍ତରକୁ ସଂରକ୍ଷଣ ରଖିବା ସହିତ ଜଳ ସଂକଟ ଦେଖା ଦେଉଥିବା ସ୍ଥାନରେ ଏହାର ପୁନରୁଦ୍ଧାର ଲାଗି ଖର୍ଚ୍ଚ କରାଯାଉଛି ।

ଆକାଶବାଣୀ ସମ୍ବାଦ ବିଭାଗକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ କହିଛନ୍ତି, 'ସୃଜଳମ୍' ଭିଜନ୍ ମାଧ୍ୟମରେ ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ସାକାର କରାଯାଇପାରିବ ।

**V/O-3--CR-PATIL**

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ

ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଶେଖାୱତ୍-ଟୁରିଜିମ୍

ସଂସ୍କୃତି ଏବଂ ପର୍ଯ୍ୟଟନ ସମ୍ପର୍କିତ ପ୍ରକଳ୍ପ ଗୁଡ଼ିକର ସଫଳ କାର୍ଯ୍ୟକାରିତା ଲାଗି ସରକାର ବଜେଟ୍ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏଥିସହିତ ପ୍ରସ୍ତାବିତ 'ୟୁଗେ ୟୁଗିନ୍ ଭାରତ ସଂଗ୍ରହାଳୟ' ଲାଗି ମଧ୍ୟ ବଜେଟ୍ ବୃଦ୍ଧି କରିବାକୁ ପଦକ୍ଷେପ ନିଆଯାଉଛି ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଫିକି ଶିଳ୍ପ ସଂଘର ୯୮ତମ ବାର୍ଷିକ ସାଧାରଣ ପରିଷଦ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶେଖାୱତ୍ କହିଛନ୍ତି, ଦେଶର ୫୦ଟି ଆଇକନିକ୍ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ଗଢ଼ିବା ଲାଗି ଗତବର୍ଷ କରାଯାଇଥିବା ଘୋଷଣା ପରେ ପର୍ଯ୍ୟଟନ ଲାଗି ବଜେଟ୍ ଅଟକଳକୁ ବୃଦ୍ଧି କରିବାକୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି ।

**V/O-2-GAJENDRA-SHEKHAWAT**

ଏହି ଅବସରରେ ଶ୍ରୀ ଶେଖାଓ୍ୱତ୍ ଆଗାମୀ ବର୍ଷରେ ପର୍ଯ୍ୟଟନ କ୍ଷେତ୍ର ଲାଗି ବ୍ୟୟ ବରାଦ ବୃଦ୍ଧି କରିବାକୁ ସରକାରଙ୍କ ଦୃଷ୍ଟିକୋଣ ସମ୍ପର୍କିତ ବ୍ଲୁ ପ୍ରିଣ୍ଟ ଜାରି କରିଛନ୍ତି ।

## ପଞ୍ଜାବ-ବୈଷ୍ଣବ

ଭାରତ ଖୁବ୍ ଶୀଘ୍ର ବିଶ୍ୱରେ ଏକ ପ୍ରମୁଖ ସେମିକଣ୍ଡକ୍ଟର ଦେଶ ଭାବେ ନିଜକୁ ପ୍ରତିଷ୍ଠା କରିପାରିବା ଦିଗରେ ଅଗ୍ରଗତି କରୁଛି ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ପଞ୍ଜାବର ମୋହାଲି ଠାରେ ସେମିକଣ୍ଡକ୍ଟର ପ୍ରୋସେସ୍ ଗ୍ୟାଲେରି ଏବଂ ପରାଙ୍ଗତ୍ ସେମିକଣ୍ଡକ୍ଟର ତାଲିମ୍ ପରୀକ୍ଷାଗାରର ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଭାରତ ସେମିକଣ୍ଡକ୍ଟର ମିଶନ୍ ସମ୍ପର୍କିତ ଭିଜନ୍ ଅଧୀନରେ ଏହି ପ୍ରତିଷ୍ଠାନର ବିକାଶ ଲାଗି ୪ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଆଗାମୀ ଦିନରେ ଏହି ପ୍ରତିଷ୍ଠାନକୁ ଅଧିକ ସମ୍ପ୍ରସାରଣ କରିବା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ କରିବା ଲାଗି ମୋହାଲିର ଏହି ସେମିକଣ୍ଡକ୍ଟର ପରୀକ୍ଷାଗାର ଏସ୍.ସି.ଏଲ୍. ସଂଲଗ୍ନ ୨୫ ଏକର ଜମି ଯୋଗାଇଦେବାକୁ ଶ୍ରୀ ବୈଷ୍ଣବ ପଞ୍ଜାବ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ଇଫି

ଗୋଆରେ ଆୟୋଜିତ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.-୨୦୨୫ର ଆଜି ଉଦ୍‌ଯାପନୀ ଦିବସ । କାର୍ଯ୍ୟକ୍ରମରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ୮ ଦିନ ଧରି ଚାଲିଥିବା ଚଳଚ୍ଚିତ୍ର ମହୋତ୍ସବରେ  କଳା, ସଂସ୍କୃତି ଓ ସିନେମାରେ ନବସୃଜନକୁ ପ୍ରଦର୍ଶିତ କରାଯାଇଛି । ମହୋତ୍ସବରେ ୮୧ଟି ଦେଶର ୨୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା, ଯାହା ବିଶ୍ୱ ସିନେ ଜଗତର ସର୍ବୋତ୍ତମ ଚଳଚ୍ଚିତ୍ରର ନିଦର୍ଶନ । ଚଳିତ ଥର ନାରୀ ସଶକ୍ତୀକରଣ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'କୁ ମହୋତ୍ସବରେ ପ୍ରଦର୍ଶିତ କରାଯାଇଥିଲା ।

## ବ୍ୟାଡ୍‌ମିଣ୍ଟନ୍

ଲକ୍ଷ୍ନୌଠାରେ ଚାଲିଥିବା ସଏଦ୍ ମୋଦୀ ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ଭାରତୀୟ ଖେଳାଳି ତନ୍‌ଭୀ ଶର୍ମା ଏବଂ ଉନ୍ନତି ହୁଦା ପ୍ରବେଶ କରିଛନ୍ତି । ଏହି ୧୬ ବର୍ଷ ଭାରତୀୟ ଖେଳାଳି

କ୍ୱାର୍ଟର ଫାଇନାଲ୍‌ରେ ହଂକଂର ସିନ୍ ୟାନ୍ ହାପି ଲୋଙ୍କୁ ୨୧-୧୩, ୨୧-୧୯ରେ ପରାସ୍ତ କରିଛନ୍ତି ।

ସେହିଭଳି ଉନ୍ନତି ହୁଡା ରକ୍ଷିତା ରାମରାଜକୁ ୨୧-୧୫, ୧୩-୨୧, ୨୧-୧୬ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଅନ୍ୟ ପକ୍ଷରେ ଭାରତୀୟ ମିକ୍ସଡ୍ ଡବଲ୍ସ ଯୋଡ଼ି ତ୍ରିଶା ଜଲି ଏବଂ ହରିହରନ୍ ଆମ୍‌ସା-କରୁନନ୍ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ଏହି ଭାରତୀୟ ଯୋଡ଼ି ଅଷ୍ଟ୍ରେଲିଆର ଆଣ୍ଡିକା ରାମା-ଦିଆନ୍‌ସିୟା ଓ ନୋଜୋମି ସିମିଜୁଙ୍କ ଯୋଡ଼ିକୁ ୨୧-୧୮, ୨୧-୧୪ରେ ସିଧାସଳଖ ପରାସ୍ତ କରିଛନ୍ତି ।

## ସାଇକ୍ଲୋନ୍

ଘୂର୍ଣ୍ଣିଝଡ଼ 'ଦିତ୍‌ୱା' ଯୋଗୁଁ ଶ୍ରୀଲଙ୍କାରେ ପ୍ରବଳ ବର୍ଷା ସମେତ ଭୂସ୍ଖଳନ ଏବଂ ବନ୍ୟା ସ୍ଥିତି ଦେଖାଦେଇଛି । ଏଥିରେ ଅନେକ ଧନଜୀବନ ନଷ୍ଟ ହୋଇଥିବା ଖବର ହସ୍ତଗତ ହୋଇଛି ।

ଏହି ଘୂର୍ଣ୍ଣିଝଡ଼ରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବେଦନା ଜଣାଇବା ସହିତ ପ୍ରଭାବିତ ପରିବାରବର୍ଗଙ୍କ ସୁରକ୍ଷା କାମନା କରିଛନ୍ତି । ଇତିମଧ୍ୟରେ ଅପରେସନ୍ ସାଗରବନ୍ଧୁ

ଅଧୀନରେ ଭାରତ ଶ୍ରୀଲଙ୍କାକୁ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସମର୍ଥନ ସହାୟତା ସହିତ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇଛି । ଆଗାମୀ ଦିନରେ ଅଧିକରୁ ଅଧିକ ସହାୟତା ଶ୍ରୀଲଙ୍କାକୁ ଯୋଗାଇଦେବାକୁ ଭାରତ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ଏକ ବାର୍ତ୍ତାରେ କହିଛନ୍ତି ।